# ରେକର୍ଡ ଭାଙ୍ଗିଲା ଅଗଷ୍ଟ ପହିଲା

ଅଗଷ୍ଟ ମାସ ଆରମ୍ଭରୁ କରୋନା ଉଗ୍ରରୂପ ଧାରଣ କରିଛି। ମାସର ପ୍ରଥମ ଦିନରେ ଏହି ମହାମାରୀ ପୂର୍ବର ସବୁ ରେକର୍ଡ ଭାଙ୍ଗି ଦେଇଛି। ଉଭୟ ଦେଶ ଓ ରାଜ୍ୟରେ ଏହି ପରିସ୍ଥିତି ଦେଖା ଦେଇଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୫୭ ହଜାର ୧୧୮ ଜଣ ଓ ଓଡ଼ିଶାରେ ୧୬୦୨ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି। ପୂର୍ବରୁ ଗୋଟିଏ ଦିନରେ ଏତେ ସଂଖ୍ୟକ ରୋଗୀ କେବେ ଚିହ୍ନଟ ହୋଇନଥିଲେ। କହିବାକୁ ଗଲେ ଉଭୟ ଦେଶ ଓ ରାଜ୍ୟରେ କରୋନା ରୋଗୀଙ୍କ ସଂଖ୍ୟା ଆଶାତୀତ ଭାବେ ବୃଦ୍ଧି ପାଇବାରେ ଲାଗିଛି। ଜୁଲାଇ ମାସରେ ସର୍ବାଧିକ ରୋଗୀ ଚିହ୍ନଟ ହେବା ସହିତ ଏହି ମାସରେ ମଧ୍ୟ ସବୁଠାରୁ ଅଧିକ ରୋଗୀ ପ୍ରାଣ ହରାଇଛନ୍ତି। ଦେଶରେ ଆଜି ସୁଦ୍ଧା ୧୬ ଲକ୍ଷ ୯୫ ହଜାର ୯୮୮ ଜଣ ଓ ରାଜ୍ୟରେ ୩୩ ହଜାର ୪୭୯ ଜଣ ରୋଗୀ ଚିହ୍ନଟ ହୋଇଛନ୍ତି। ସେଥିରୁ ଅଧିକାଂଶ ଗତ ଜୁଲାଇ ମାସରେ ହିଁ ଚିହ୍ନଟ ହୋଇଥିବା ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗର ରିପୋର୍ଟରୁ ଜଣାପଡ଼ିଛି। ଜୁଲାଇ ମାସରେ ଦେଶରେ ପ୍ରାୟ ୧୦ ଲକ୍ଷରୁ ଅଧିକ ଓ ରାଜ୍ୟରେ ୨୩ ହଜାର ୫୨ ରୋଗୀ ଚିହ୍ନଟ ହୋଇଛନ୍ତି। ହାରାହାରି ପ୍ରତିଦିନ ଏବେ ଦେଶରେ ୫୦ ହଜାରରୁ ଅଧିକ ଓ ରାଜ୍ୟରେ ଏକ ହଜାରରୁ ଅଧିକ ରୋଗୀ ଚିହ୍ନଟ ହେଉଛନ୍ତି। ଅବଶ୍ୟ ପୂର୍ବାପେକ୍ଷା ଅଧିକ ଟେଷ୍ଟିଂ କରାଯାଉଥିବାରୁ ଅଧିକ ରୋଗୀ ଚିହ୍ନଟ ହେଉଛନ୍ତି। କାରଣ ଦେଶରେ ଏବେ ଦିନକୁ ପ୍ରାୟ ୫ ଲକ୍ଷ ଓ ରାଜ୍ୟରେ ପ୍ରାୟ ୫ ହଜାର ନମୁନା ପରୀକ୍ଷା ହେଉଛି। ଏହି କାରଣରୁ ଅଗଷ୍ଟ ମାସରେ ଆହୁରି ଅଧିକ ରୋଗୀ ଚିହ୍ନଟ ହେବେ ବୋଲି ଅନୁମାନ କରାଯାଉଛି।

ଭୁବନେଶ୍ୱର,୧।୮/ଏନ୍‌ଏନ୍‌ଏସ୍:

ଅଗଷ୍ଟ ମାସ ଆରମ୍ଭରୁ କରୋନା ଉଗ୍ରରୂପ ଧାରଣ କରିଛି। ଜୁଲାଇ ମାସର ରେକର୍ଡ

## ■ ପୁଣି ୧୦ ମୁଣ୍ଡ ନେଲା କରୋନା
## ■ ଆକ୍ରାନ୍ତ ୧୬୦୨, ସୁସ୍ଥ ୭୫୬

ଅଗଷ୍ଟ ପହିଲାରେ ଭାଙ୍ଗିଯାଇଛି। ଶନିବାର ୨୪ ଘଣ୍ଟାରେ ୧୬୦୨ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ପୂର୍ବରୁ ଗୋଟିଏ ଦିନରେ ଏତିକି ସଂଖ୍ୟକ ଆକ୍ରାନ୍ତ କେବେ ଚିହ୍ନଟ ହୋଇନଥିଲେ। କେବଳ ସର୍ବାଧିକ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି ତାହା ନୁହେଁ, ୨୪ଘଣ୍ଟାରେ ୧୧ ମୁଣ୍ଡ ନେଇଛି କରୋନା। ସେମାନଙ୍କ ମଧ୍ୟରୁ ୧୦ଜଣଙ୍କର କରୋନାରେ ମୃତ୍ୟୁ ହୋଇଥିଲାବେଳେ ଆଉ ଜଣେ ନୟାଗଡ଼ର କରୋନାରେ ପୀଡ଼ିତ ଥାଇ କିଡ୍‌ନୀ ରୋଗରେ ପ୍ରାଣ

ଆକ୍ରାନ୍ତ ୩୩,୪୭୯

| ସକ୍ରିୟ | ସୁସ୍ଥ | ମୃତ |
|---|---|---|
| ୧୧,୯୮୧ | ୨୧,୨୭୩ | ୧୮୭ |

ହରାଇଛନ୍ତି। ଫଳରେ ରାଜ୍ୟରେ କରୋନା ଜନିତ ମୃତ୍ୟୁ ସଂଖ୍ୟା ୧୮୭କୁ ବୃଦ୍ଧି ପାଇଛି।

୨୯ ଜିଲ୍ଲାରୁ ୧୬୦୨ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୯୯୩ କ୍ୱାରେଣ୍ଟାଇନ୍ ସେଣ୍ଟରରୁ ଚିହ୍ନଟ ହୋଇଥିବାବେଳେ ୬୦୯ ଆକ୍ରାନ୍ତ ସ୍ଥାନୀୟ ଅଞ୍ଚଳରୁ ଚିହ୍ନଟ ହୋଇଛନ୍ତି। ତେଣୁ ରାଜ୍ୟରେ କରୋନା ସଂକ୍ରମିତଙ୍କ ସଂଖ୍ୟା ୩୩ ହଜାର ୪୭୯କୁ ବୃଦ୍ଧି ପାଇଛି। ଆଜି ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ସର୍ବାଧିକ ୩୦୮ ଜଣ ଗଞ୍ଜାମରୁ ଚିହ୍ନଟ ହୋଇଥିବା ବେଳେ ଖୋର୍ଦ୍ଧା ଜିଲ୍ଲାରୁ ୨୮୫, ଅନୁଗୁଳରୁ ୧୫, ବାଲେଶ୍ୱରରୁ ୨୯, ବରଗଡ଼ରୁ ୧୩, ଭଦ୍ରକରୁ ୨୦, ବଲାଙ୍ଗିରରୁ ୩୮, ବୌଦ୍ଧରୁ ୯, କଟକରୁ ୫୪, ଗଜପତିରୁ ୧୦୮, ଜଗତସିଂହପୁରରୁ ୧୯, ଯାଜପୁରରୁ ୪୪, ଝାରସୁଗୁଡ଼ାରୁ ୭, କଳାହାଣ୍ଡିରୁ ୩୦, କନ୍ଧମାଳରୁ ୪୫, କେନ୍ଦ୍ରାପଡ଼ାରୁ ୧୫, କେନ୍ଦୁଝରରୁ ୩୧, କୋରାପୁଟରୁ ୪୬, ମାଲକାନଗିରିରୁ ୩୦, ମୟୂରଭଞ୍ଜରୁ ୩୯, ନବରଙ୍ଗପୁରରୁ ୯, ନୟାଗଡ଼ରୁ ୩୩, ନୂଆପଡ଼ାରୁ ୫, ପୁରୀରୁ ୫୦, ରାୟଗଡ଼ାରୁ ୧୬୪, ସମ୍ବଲପୁରରୁ ୩୯, ସୋନପୁରରୁ ୬ ଓ ସୁନ୍ଦରଗଡ଼ରୁ ୬୨ ଅଛନ୍ତି। ଏବେ ସକ୍ରିୟଙ୍କ ସଂଖ୍ୟା ୧୧ ହଜାର ୯୮୧କୁ ବୃଦ୍ଧି ପାଇଛି। ରାଜ୍ୟରେ ଆଜି ୭୫୬ଜଣ ସୁସ୍ଥ ହୋଇଛନ୍ତି। ଖୋର୍ଦ୍ଧା ୧୬୨, ଗଞ୍ଜାମ ୧୩୯, କଟକ ୭୮ ସୁନ୍ଦରଗଡ଼ ୫୮, ଗଜପତି ୪୯, ଭଦ୍ରକ ୩୩, କେନ୍ଦୁଝର ୩୧, ପୁରୀ ୨୮, ନୟାଗଡ଼ ୨୨, ରାୟଗଡ଼ା ୨୦, ବାଲେଶ୍ୱର ୧୯, କୋରାପୁଟ ୧୮, ମାଲକାନଗିରି ୧୬, ନବରଙ୍ଗପୁର ୧୩, କନ୍ଧମାଳ ୧୦, ସମ୍ବଲପୁର ୧୦, ଯାଜପୁର ୯, କେନ୍ଦ୍ରାପଡ଼ା ୯, ଜଗତସିଂହପୁର ୮, ବରଗଡ଼ ୭, ଢେଙ୍କାନାଳ ୬, ଝାରସୁଗୁଡ଼ା ୬, ବଲାଙ୍ଗିର ୨, କଳାହାଣ୍ଡି ୨ ଓ ଅନୁଗୁଳରୁ ଜଣେ ଚିହ୍ନଟ ହୋଇଛନ୍ତି।

## ଦିନକରେ ୫୭,୧୧୮ ଆକ୍ରାନ୍ତ

ନୂଆଦିଲ୍ଲୀ, ୧।୮/ଏଜେନ୍ସି:

ଗତ ୩ ଦିନ ହେଲା ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ଦ୍ରୁତ ଗତିରେ ବୃଦ୍ଧିପାଉଛି। ଗତ ୨୪ ଘଣ୍ଟା ମଧ୍ୟରେ ୫୭,୧୧୮ ଜଣ କରୋନା ଆକ୍ରାନ୍ତ ଚିହ୍ନଟ ହେବା ଫଳରେ ଏହି ସଂଖ୍ୟା ୧୬,୯୫,୯୮୮ କୁ ବୃଦ୍ଧିପାଇଛି ବୋଲି କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ତରଫରୁ ସୂଚନା ଦିଆଯାଇଛି। ଏହି ସୂଚନା ଅନୁଯାୟୀ ଗତ ୨୪ ଘଣ୍ଟାରେ ୭୬୪ ଆକ୍ରାନ୍ତ ପ୍ରାଣହାନୀ ଘଟିବା ଫଳରେ ମୃତ୍ୟୁସଂଖ୍ୟା ୩୬,୫୧୧କୁ ବୃଦ୍ଧିପାଇଛି। ମୋଟ୍ ଆକ୍ରାନ୍ତଙ୍କ ମଧ୍ୟରୁ ୧୦ ଲକ୍ଷ ୯୪ ହଜାର ୩୭୪ ଜଣ ସୁସ୍ଥ ହୋଇଛନ୍ତି। ଫଳରେ ଦେଶରେ ଆରୋଗ୍ୟହାର ଏବେ ୬୪.୫୨ ପ୍ରତିଶତ ରହିଛି। ଗତ ୨୪ ଘଣ୍ଟା ମଧ୍ୟରେ ଦେଶରେ ୫ ଲକ୍ଷ ୨୫ ହଜାର ୬୮୯ ନମୁନା ପରୀକ୍ଷା ହୋଇଛି। ଏହାକୁ ମିଶାଇ ଏ ପର୍ଯ୍ୟନ୍ତ ୧ କୋଟି ୯୩ ଲକ୍ଷ ୫୮ ହଜାର ୬୫୯ ନମୁନା ପରୀକ୍ଷା କରାଗଲାଣି।

କରୋନାରେ ଅଧିକ ପ୍ରଭାବିତ ମହାରାଷ୍ଟ୍ରରେ ଆକ୍ରାନ୍ତଙ୍କ ସଂଖ୍ୟା ୪ ଲକ୍ଷ ୨୨ ହଜାର ୧୧୮କୁ ବୃଦ୍ଧି ପାଇଥିଲା ବେଳେ ମୃତ୍ୟୁସଂଖ୍ୟା ୧୪,୯୯୪କୁ ବୃଦ୍ଧିପାଇଛି। ତାମିଲନାଡୁରେ ଆକ୍ରାନ୍ତଙ୍କ ସଂଖ୍ୟା ୨ ଲକ୍ଷ ୪୫ ହଜାର ୮୫୯କୁ ବୃଦ୍ଧି ପାଇଥିଲା ବେଳେ ମୃତ୍ୟୁସଂଖ୍ୟା ୩,୯୩୫କୁ ବୃଦ୍ଧିପାଇଛି। ଜାତୀୟ ରାଜଧାନୀ ଦିଲ୍ଲୀରେ ଆକ୍ରାନ୍ତଙ୍କ ସଂଖ୍ୟା ୧ ଲକ୍ଷ ୩୫ ହଜାର ୫୯୮କୁ ବୃଦ୍ଧି ପାଇଥିଲା ବେଳେ ଏ ପର୍ଯ୍ୟନ୍ତ ସେଠାରେ ୩,୯୬୩ ଜଣଙ୍କ ମୃତ୍ୟୁ ଘଟିଲାଣି। କର୍ଣ୍ଣାଟକରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୧ ଲକ୍ଷ ୨୪ ହଜାର ୧୧୫ ଟପିଯାଇଛି। ଏ ପର୍ଯ୍ୟନ୍ତ ରାଜ୍ୟରେ ୨,୩୧୪ଜଣ କରୋନା ରୋଗୀଙ୍କ ମୃତ୍ୟୁ ହୋଇଛି।

ନିତିଦିନ NITIDIN Sun, Aug 2, 2020
http://odishanewsnitidin.com